## ସଂକ୍ଷେପରେ

### ୭୪ ପରିମଳ କର୍ମଚାରୀଙ୍କୁ ସାଇକେଲ



ସୁନାବେଡ଼ା,୨।୩(ସ୍ୱ.ପ୍ର.): ସୁନାବେଡ଼ା ପୌର ପରିଷଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ପୌର ପରିଷଦର ପରିମଳ କର୍ମଚାରୀମାନଙ୍କୁ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପୌର ପରିଷଦର ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର,ସ୍ୱଚ୍ଛକର୍ମୀ, ବିଓଭି ଡ୍ରାଇଭର, ଆହାର କର୍ମଚାରୀ ପ୍ରମୁଖଙ୍କୁ ୭୪ଟି ସାଇକେଲ ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଏକ ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପାଇଥିବା ସାଇକେଲରେ କର୍ମଚାରୀମାନେ ଆଗ୍ରହର ସହ କାର୍ଯ୍ୟ କରିବା ସହ ଠିକ୍ ରୂପେ ସେମାନଙ୍କ ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ଏହା ଏକ ଜନମଙ୍ଗଳ କାର୍ଯ୍ୟକ୍ରମ ରୂପେ ଅଭିହିତ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ଉପାଧ୍ୟକ୍ଷା ରତ୍ନ କଣ୍ଡା, ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନା, କନିଷ୍ଠ ଯନ୍ତ୍ରୀ ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ରଖିଥିଲେ। ଉପାଧ୍ୟକ୍ଷା ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଗଞ୍ଜେଇ କିଣିବାକୁ ଯାଉଥିବାବେଳେ ୨ ଗିରଫ

ଜୟପୁର, ୨।୩ (ନି.ପ୍ର.): ଗଞ୍ଜେଇ କିଣିବାକୁ ଯାଉଥିବା ବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରାଜସ୍ଥାନର ଗୋପାଳ ଲାଲ ଜାଟ ଓ ଗୋପାଳ ଲାଲ ଗୁଜର। ସଦର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ପାତ୍ରପୁଟ ନିକଟରେ ଏକ କାରକୁ ସନ୍ଦେହରେ ଯାଞ୍ଚ କରିଥିଲା। ସେଥିରୁ ୨ ଲକ୍ଷ ୫୦ ହଜାର ଟଙ୍କା ଜବତ କରିଥିଲା। ଏମାନେ ଆନ୍ଧ୍ର ପ୍ରଦେଶର ବନ୍ଦଭିଦି ଗ୍ରାମକୁ ଗଞ୍ଜେଇ କ୍ରୟ କରିବାକୁ ଯାଉଥିବା ଜଣାପଡିଥିଲା। ପୂର୍ବରୁ ଗୋପାଳ ଓ ଲାଲଗୁଜର ଜଣେ ବ୍ୟକ୍ତିଙ୍କୁ ଗଞ୍ଜେଇ ଚାଷ ପାଇଁ ୧ ଲକ୍ଷ ଟଙ୍କା ଅଗ୍ରିମ ଦେଇଥିବା ପଚରାଉଚରା ବେଳେ ସ୍ୱୀକାର କରିଥିଲେ। ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

# ସୀମାନ୍ତ ଗ୍ରାମ ସମସ୍ୟା ପ୍ରତି ଆଖି ବୁଜିଛି ପ୍ରଶାସନ

**ଛତିଶଗଡରେ ମିଶିବାକୁ ଗ୍ରାମବାସୀଙ୍କ ନିଷ୍ପତ୍ତି**

ମାଲକାନଗିରି, ୨।୩

ଓଡ଼ିଶା ସୀମାବର୍ତ୍ତୀ ଗ୍ରାମଗୁଡିକ ପ୍ରତି ଅବହେଳା କରାଯାଉଥିବା ଏବଂ ସୀମାନ୍ତ ରାଜ୍ୟ ଏହାର ସୁଯୋଗ ନେଇ ଓଡିଶାର କୋରାପୁଟ ଜିଲା ଓ ମାଲକାନଗିରି ଜିଲା ଭିତରକୁ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ପ୍ରବେଶ କରୁଛନ୍ତି। ବିଭିନ୍ନ ଉନ୍ନୟନମୂଳକ ଯୋଜନା ସୀମାନ୍ତ ଗ୍ରାମଗୁଡିକରେ କାର୍ଯ୍ୟକାରୀ କରି ଗ୍ରାମବାସୀଙ୍କୁ ସେମାନଙ୍କ ରାଜ୍ୟ ପ୍ରତି ଆକୃଷ୍ଟ କରୁଛନ୍ତି। ଫଳରେ ଏହି ଗ୍ରାମବାସୀ ଆନ୍ଧ୍ର ଓ ଛତିଶଗଡରେ ମିଶିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି। ଏପରି ଏକ ଘଟଣା ମାଲକାନଗିରି ଜିଲା ସଦର ବ୍ଲକ ଉଡୁପା ପଞ୍ଚାୟତ ଛତିଶଗଡ ସୀମାକୁ ଲାଗିଥିବା ଟଙ୍ଗପାଲି ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମ ଉଡୁପା ପଞ୍ଚାୟତ ସଦରରୁ ମାତ୍ର ସାଢେ ୩ କି.ମି. ଛତିଶଗଡ ସୀମାନ୍ତକୁ ଲାଗି ରହିଛି। ଜିଲା ପ୍ରଶାସନ ଆଦିବାସୀଙ୍କ ବିକାଶ ଏବଂ ଛତିଶଗଡକୁ ଯାତାୟାତ କରିବା ଲାଗି ମୋଟୁରୁ ଟଙ୍ଗପାଲି ଗ୍ରାମକୁ ଏକ ବସ୍ ଯୋଗାଇ ଦେଇଥିଲା। ବସଟି କିଛିଦିନ ଚାଲିଲା ପରେ ଖରାପ ରାସ୍ତା ଯୋଗୁ ବସ୍ ବନ୍ଦ ହୋଇଯାଇଥିଲା। ଏହି ରାସ୍ତାରେ ବିଭିନ୍ନ ସ୍ଥାନରେ ଗୋଡି ଉଠିଯାଇ ଖାଲ ଖମାରରେ ପରିଣତ ହୋଇଛି। ଫଳରେ ଗ୍ରାମବାସୀ ରୋଗୀକୁ ଡାକ୍ତରଖାନା ନେବା, ପଦ୍ମଗିରି ଓ ମାଲକାନଗିରି ସଦର ମହକୁମାକୁ ଆସିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ କୌଣସି ମୋବାଇଲ ଟାୱାର ନ ଥିବାରୁ କୌଣସି ସମସ୍ୟା ସମ୍ପର୍କରେ ନିଜ ଲୋକ କିମ୍ବା ପ୍ରଶାସନକୁ ଜଣାଇପାରୁନାହାନ୍ତି। ଗ୍ରାମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ଏଠାରେ ଦୁଇଜଣ ଶିକ୍ଷୟିତ୍ରୀ ଥିବା ବେଳେ ଜଣେ ଶିକ୍ଷୟିତ୍ରୀ ସରକାରୀ କାର୍ଯ୍ୟରେ ବାହାରକୁ ଗଲେ ବିଦ୍ୟାଳୟ ପାଠପଢା ବ୍ୟାହତ ହୋଇଥାଏ। ବିଦ୍ୟାଳୟରେ ପାନୀୟ ଜଳର କୌଣସି ସୁବିଧା ନାହିଁ। ମଧ୍ୟାହ୍ନ ଭୋଜନ ଠିକ୍ ସମୟରେ ହୋଇପାରୁନାହିଁ। ଗ୍ରାମରେ ୨୫୦ ପରିବାରର ୧୧୫୦ ଲୋକଙ୍କ ପାଇଁ ୫ଟି ନଳକୂପ ଥିଲେ ମଧ୍ୟ ସେଥିରୁ ୪ଟି ଅଚଳ ହୋଇପଡିଛି। ଗୋଟିଏ ନଳକୂପରେ ସମସ୍ତ ଗ୍ରାମବାସୀ ନିର୍ଭର କରୁଛନ୍ତି। ଅନେକ ସମୟରେ ସମସ୍ତେ ଜଳ ନ ପାଇ ଗ୍ରାମଠାରୁ ଅଧ କି.ମି. ଦୂର ଏକ ଅପରିଷ୍କାର କୁଣ୍ଡରୁ ପାଣି ଆଣି ଚଳୁଛନ୍ତି। ସେହି ପାଣିରେ ରନ୍ଧା କାର୍ଯ୍ୟ ଲୁଗା ସଫା, ପିଲାମାନଙ୍କୁ ଗାଧୋଇବା, ପିଇବା କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏଥିଯୋଗୁ ଗ୍ରାମରେ ଅନେକ ଚର୍ମରୋଗ, ପେଟରୋଗ ଭୋଗୁଥିବା ଗ୍ରାମ ମୁଖିଆ ଭଗବାନ ପଡିଆମି କହିଛନ୍ତି। ସେହିପରି ଦୀର୍ଘ ୧୦ ବର୍ଷ ତଳେ ଉଠା ପାନୀୟ ଜଳ ବ୍ୟବସ୍ଥା ପାଇଁ ମୋଟର ଏବଂ ଟାଙ୍କି ବସିଥିଲେ ମଧ୍ୟ ଏକ ସପ୍ତାହ ପରେ ତାହା ଅଚଳ ହୋଇ ପଡିଥିବା ଗ୍ରାମବାସୀଅଭିଯୋଗ କରିଛନ୍ତି। ୫ବର୍ଷ ତଳେ ପଞ୍ଚାୟତ ସଦର ମହକୁମାରୁ ସାଢେ ୩ କି.ମି. ରାସ୍ତା ଟଙ୍ଗପାଲି ଗ୍ରାମକୁ ପାଇପ ପାଣି ଯୋଗାଇବା ପାଇଁ ପାଇପ୍ ବିଛା ଯାଇଥିଲେ ମଧ୍ୟ ଉକ୍ତ ପାଇପଗୁଡିକ ଏକମାସ ମଧ୍ୟରେ ନଷ୍ଟ ହୋଇଯାଇଥିଲା। ଅଙ୍ଗନବାଡି କେନ୍ଦ୍ରରେ ପିଲାମାନଙ୍କୁ ପାନୀୟ ଜଳ ଏବଂ ରନ୍ଧାଖାଦ୍ୟ ଦେବାରେ ସମସ୍ୟା ଉପୁଜିଛି। ୨୫୦ ପରିବାର ମଧ୍ୟରୁ ମାତ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨ଜଣ ହିତାଧିକାରୀ ଆବାସ ପାଇଛନ୍ତି। ୨୦ ବର୍ଷ ମଧ୍ୟରେ ମାତ୍ର ୨୦ ଜଣ ବିଜୁ ପକ୍କା ଘର ମିଳିଛି। ଗ୍ରାମର ମୁଖିଆ ପଡିଆମି, ନରସିଂହ ମାଡକାମି, ସରପଂଚ ଗଙ୍ଗା ମାଡକାମଙ୍କ ସହ ଅନ୍ୟମାନେ କହିଛନ୍ତି, ଆମେ ମାଲକାନଗିରି ଜିଲାପାଳଙ୍କୁ ଏ ସମ୍ପର୍କରେ ବହୁବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି କହିଛନ୍ତି। ସରକାର ତୁରନ୍ତ ଟଙ୍ଗପାଲି ଗ୍ରାମର ସମସ୍ୟା ଦୂର ନ କଲେ ଆମେ ବାଧ୍ୟ ହୋଇ ଛତିଶଗଡରେ ମିଶିବୁ ବୋଲି ଚେତାବନୀ ଦେଇଛନ୍ତି।



ଅପରିଷ୍କାର ପୋଖରୀରୁ ଗ୍ରାମବାସୀ ପାନୀୟ ଜଳ ନେଉଛନ୍ତି।

ଦୁର୍ଯ୍ୟୋଧନ ପାତ୍ର

### ରେଳ ଧାରଣାରୁ ଯୁବତୀଙ୍କ ମୃତଦେହ ଜବତ

ଲକ୍ଷ୍ମୀପୁର, ୨।୩ (ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ତୟାପୁଟ ହନୁମାନ ମନ୍ଦିର ନିକଟସ୍ଥ ରେଳ ଧାରଣାରୁ ଜଣେ ଯୁବତୀଙ୍କ ମୃତଦେହ ଗୁରୁବାର ଜବତ ହୋଇଛି। ତାଙ୍କନାମ ହୀରାମଣ୍ଡି ପରଜା(୧୮) ସେ ଦଶମନ୍ତବ୍ଲକ ମୂର୍କାର ପଞ୍ଚାୟତ ଗୌଡ଼ ଚେମା ଗ୍ରାମର ସ୍ୱର୍ଗତ ଜୋକ ପରଜାଙ୍କ ଝିଅ ବୋଲି ଜଣାପଡିଛି। ରେଳଧାରଣାରେ ମୃତଦେହ ପଡିଥିବା ଦେଖି ମାଲବାହୀ ଟ୍ରେନ ଚାଳକ କୋରାପୁଟ ଷ୍ଟେସନ ମାଷ୍ଟର ଅସିତ୍ କୁମାର ସାହୁଙ୍କୁ ସୂଚନା ଦେଇଥିଲେ। ସାହୁ ଏ ସମ୍ପର୍କରେ ଅନ୍ୟ ପୋଲିସ ଅଧିକାରୀମାନଙ୍କୁ ଖବର ଦେଇଥିଲେ। ପରେ ଘଟଣା ସ୍ଥଳରେ କୋରାପୁଟ ଜିଆରପି ଏସଆଇ ବିନାୟକ ଭୋଇ, ଏଏସଆଇ ପ୍ରଦୀପ ପଟେଲ, ଲକ୍ଷ୍ମୀପୁର ଏସଆଇ ଏସ୍. ଆପା ରାଓ, ଏସ ଆଇ ମାନସ ରଞ୍ଜନ ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏହି ସମୟରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଲକ୍ଷ୍ମୀପୁର ଅତିରିକ୍ତ ତହସିଲଦାର ମାଧବ ଭାତ୍ରା ଉପସ୍ଥିତ ଥିଲେ।

### ଅମୃତସରୋବର ଖନନ ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କଲା ବିଜେଡି

କୁନ୍ଦୁରା, ୨।୩ (ଡି.ଏନ. ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଫୁପୁଗାଁ ପଞ୍ଚାୟତ ଅନ୍ତର୍ଗତ ଜୁବା ପାତ୍ରପୁଟଠାରେ କେନ୍ଦ୍ର ସରକାରଙ୍କ ତରଫରୁ ଖୋଳା ଯାଉଥିବା ଅମୃତ ସରୋବର ଦୁର୍ନୀତି ହୋଇଥିବା ନେଇ ଗତ ୨୮।୨।୨୩ରେ କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା ଏବଂ ଉପାଧ୍ୟକ୍ଷ ତରୁଣୀସେନ ବିଶୋୟୀ ଜୟପୁର ଦୁର୍ନୀତି ନିବାରଣ ବିଭାଗର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଗୁରୁବାର କୁନ୍ଦୁରା ବିଜୁ ଜନତା ଦଳ ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି।ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ବୃନ୍ଦାବନ ମଲ୍ଲିକ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ କପୋଳକଳ୍ପିତ। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟା ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତ ରାୟ, ଜିଲା ପରିଷଦ ସଭ୍ୟ କନକଲତା ପେଣ୍ଡିଆ,ବ୍ଲକ ବିଜୁ ଜନତା ଦଳ ଯୁବ ସଭାପତି ବିକ୍ରମ ବେହେରା,ଜିଲା ବିଜେଡି ଉପ ସଭାପତି ରମାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ମାଣ ପୂର୍ବରୁ ସରକାରୀ, ପରେ ବେସରକାରୀ

**୧୧ବର୍ଷ ହେଲା ବିବାଦରେ ପାଡୁଆ ରାଜୀବ ଗାନ୍ଧୀ ସେବାକେନ୍ଦ୍ର**

ନନ୍ଦପୁର, ୨।୩ (ଡି.ଏନ.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହ ଗତ ୧୧ ବର୍ଷ ହେଲା ବିବାଦରେ ରହି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ଫଳରେ ଖର୍ଚ୍ଚ ହୋଇଥିବା ସରକାରୀ ଟଙ୍କା ପାଣିରେ ପଡ଼ିଛି। ୧୧ବର୍ଷ ତଳେ ସରକାରୀ ଜମି ଦର୍ଶାଇ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଜମି ଚିହ୍ନଟ ହେବାପରେ ପାଡୁଆ ପଞ୍ଚାୟତ ଓ ନନ୍ଦପୁର ବ୍ଲକ ପ୍ରଶାସନ ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୩ ଲକ୍ଷ ୪୬ ହଜାର ୭୩୨ ଟଙ୍କା ବ୍ୟୟରେ ଏହା ନିର୍ମାଣ ହୋଇଥିଲା। ମାତ୍ର ନିର୍ମାଣ ସରିବା ମାତ୍ରେ ବେସରକାରୀ ଜମି ଦର୍ଶାଇ ଅଦାଲତରେ ମାମଲା ରୁଜୁ ହୋଇଛି। ଫଳରେ ଏଯାଏ ଏହି କେନ୍ଦ୍ର ପଞ୍ଚାୟତ କିମ୍ବା ଲୋକଙ୍କ କାମରେ ନ ଲାଗି ଭୂତକୋଠି ପାଲଟିଛି। ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜି ଅଦାଲତରେ ମାମଲା ଚାଲିଛି କହି ନୀରବ ରହୁଛନ୍ତି। ତହସିଲ ପ୍ରଶାସନ ମଧ୍ୟ ଚୁପ୍। ଏହା ସରକାରୀ ଜମି କହି ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ କରିବାକୁ ଜମିର ସ୍କେଚ୍‌ମ୍ୟାପ ଦେବା ଓ ପରବର୍ତ୍ତୀ ସମୟରେ ବେସରକାରୀ ଜମି କହି ବେସରକାରୀ ଲୋକଙ୍କ ପକ୍ଷ ନେବା ତତ୍କାଳୀନ ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରିଛି। ଜିଲା ପ୍ରଶାସନ ଓ ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ବିବାଦ ଦୂର କରିବାକୁ ପାଡୁଆ ସରପଞ୍ଚ, ସମିତିସଭ୍ୟ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ପାଡୁଆ ରାଜସ୍ୱ ଅଧିକାରୀ ଅକ୍ଷୟ କ୍ଷତ୍ରିଙ୍କୁ ପଚାରିବାରୁ ସେ କହିଲେ, ସେ ଏହି କାର୍ଯ୍ୟାଳୟରେ ଦାୟିତ୍ୱ ନେବା ଦିନଠାରୁ ପଞ୍ଚାୟତ କିମ୍ବା ବ୍ଲକ ପକ୍ଷରୁ ଉକ୍ତ ସେବାକେନ୍ଦ୍ର ଜମି ସମ୍ପର୍କରେ କୌଣସି ଅଭିଯୋଗ ତାଙ୍କର ହସ୍ତଗତ ହୋଇନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।



## କାଲିମେଲାରେ ବଡ଼ଯାତ୍ରା

କାଲିମେଲା, ୨।୩(ଡି.ଏନ.ଏ.)

ମାଲାକାନଗିରି ଜିଲା ଆଦିବାସୀ ଓ ତେଲୁଗୁ ସମ୍ପ୍ରଦାୟର ବଡ ପର୍ବ ବଡଯାତ୍ରା ପ୍ରତି ୨ ବର୍ଷରେ ଥରେ ହୁଏ । ଏହି ଯାତ୍ରା ଅବସରରେ ଆନ୍ଧ୍ରପ୍ରଦେଶ ପୋଲୁର ତାଡକାରେଉ କୁଣ୍ଡରୁ ଠାକୁରମାନେ ସ୍ନାନ କରି ମାଲକାନଗିରି ସଦର ମହକୁମା ଅଭିମୁଖେ ପ୍ରାୟ ୧୦୦ କି.ମି. ଚାଲି ଚାଲି ଯାତ୍ରା କରିଥାନ୍ତି। ବାଟରେ ପଡୁଥିବା ବିଭିନ୍ନ ସ୍ଥାନ ବା ମଣ୍ଡପରେ ପୂଜା ପାଇବା ପାଇଁ ଅଟକି ରୁହନ୍ତି। ଗୁରୁବାର ବଡଯାତ୍ରାର ଚତୁର୍ଥ ଦିନରେ କାଲିମେଲା ବଡଯାତ୍ରା ମଣ୍ଡପ ଠାରେ ଠାକୁର ବାଲ ରାଜୁ, ପୋତ ରାଜୁ, କାନାମରାଜୁ ଏବଂ ଦେବୀ ମତ୍ୟୁଲୁଆମ୍ମା ଦିନ ସାରା ପୂଜା ପାଇ କାଙ୍ଗୁରୁକୋଣ୍ଡା ଅଭିମୁଖେ ବାହାରିଥିଲେ। ମା’ ମଧ୍ୟାହ୍ନରେ ଶିଖପାଲୀ ଏବଂ ରାତ୍ରିରେ ତମସା ଠାରେ ଯାତ୍ରା କରି ସେଠାରେ ରାତ୍ରି ଯାପନ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଗୁରୁବାର କାଲିମେଲା ସର୍ବବୃହତ ସାପ୍ତାହିକ ହାଟ ରହିଥିବା ବେଳେ ବଡ଼ ଯାତ୍ରା ରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ମଣ୍ଡପ ସ୍ଥଳରେ ବହୁ ସଂଖ୍ୟାରେ ଭକ୍ତ ମାନେ ଭିଡ ଜମାଇଥିଲେ । ଯାତ୍ରାକୁ ଦୃଷ୍ଟିରେ ରଖି ଏଠାରେ ମୀନା ବଜାର ବସିଥିଲା । ପୂଜା କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା ।

## ବଣ୍ଡା ସମାଜ ପ୍ରକୃତିର ଉପାସକ: କୁଳପତି

କୋରାପୁଟ, ୨।୩(ସ୍ୱ.ପ୍ର.)




ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଥମ ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ର ବକ୍ତୃତା ଶୃଙ୍ଖଳା କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ଶୃଙ୍ଖଳାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସମାଜବିଜ୍ଞାନୀ ପ୍ରଫେସର ବିଷ୍ଣୁ ଚରଣ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ‘ବଣ୍ଡା ଜୀବନ: ବାହାର-ଆଭ୍ୟନ୍ତରୀଣ ଦୃଷ୍ଟିକୋଣ’ ଶୀର୍ଷକ ଆଲୋଚନାଚକ୍ରରେ ବକ୍ତୃତା ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବଣ୍ଡା ଜନଜାତିର ପରମ୍ପରା ଓ ସଂସ୍କୃତି ଏବଂ ପ୍ରକୃତି ପ୍ରତି ସେମାନଙ୍କର ଅବଦାନକୁ ପ୍ରଶଂସା କରିଥିଲେ। ସେକହିଥିଲେ ଯେ, ‘ବଣ୍ଡା ସମାଜ ପ୍ରକୃତିର ଉପାସକ। ସେମାନେ ପ୍ରକୃତିକୁ ସର୍ବୋଚ୍ଚ ବୋଲି ଭାବନ୍ତି। ପ୍ରକୃତିର ସୁରକ୍ଷା କରିବା ସେମାନଙ୍କ କର୍ତ୍ତବ୍ୟ ବୋଲି ମନେକରନ୍ତି। ବିଶ୍ୱବିଦ୍ୟାଳୟ ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ଜନଜାତି ଏବଂ ସେମାନଙ୍କ ଜୀବନ ବିଷୟରେ ଜାଣିବାକୁ ପରାମର୍ଶ ଦେଇଥିଲେ ।

### ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର

କୋରାପୁଟ, ୨।୩(ସ୍ୱ.ପ୍ର.)

କୋରାପୁଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ୩ ଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଆରମ୍ଭ ହୋଇଛି। ଗଣଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା, କୋରାପୁଟ ଦ୍ୱାରା ପରିଚାଳିତ ଅନ୍ତର୍ନିବେଶୀ ଶିକ୍ଷା ଆଧାରିତ ଏହି ସାମର୍ଥ୍ୟ ପ୍ରଶିକ୍ଷଣ ଶିବିରକୁ କୋରାପୁଟ ବ୍ଲକର ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ ଉଦ୍‌ଘାଟନ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରଥ, ଏବିଇଓ ଶିବ ପ୍ରସାଦ ରଥ ଏବଂ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର ଉପସ୍ଥିତ ଥିଲେ। ଶିବିରରେ ସାଧନ କର୍ମୀ ଭାବେ ବସନ୍ତ ଲେଙ୍କା,ବୈକୁଣ୍ଠ ଖୋସଲା,ଇତିଶ୍ରୀ ସୁବୁଦ୍ଧି ଓ ରୁମାନି ପ୍ରଧାନ ଯୋଗ ଦେଇଥିଲେ। ୨ ବିଦ୍ୟାଳୟର ୪୫ ଶିକ୍ଷୟିତ୍ରୀ ଶିକ୍ଷକ ଏହି ତାଲିମ ନେଉଛନ୍ତି।

## ଜିଲାରେ ନିଶାମୁକ୍ତ ଭାରତ ଅଭିଯାନ କର୍ମଶାଳା

ମାଲକାନଗିରି, ୨।୩(ଡି.ଏନ.ଏ.)

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏବଂ ରାଜ୍ୟ ସାମାଜିକ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କା ର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ୱେଚ୍ଛାସେବୀମାନଙ୍କୁ ନେଇ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଦିବସୀୟ କର୍ମଶାଳା ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝୀ ଯୋଗଦେଇ ମୁଖ୍ୟ ସ୍ୱେଚ୍ଛାସେବୀ ମାନଙ୍କୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। କର୍ମଶାଳାରେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ୫୦ ଜଣ ମୁଖ୍ୟ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ନେଇଛନ୍ତି। ଏହି ଯୋଜନାରେ ମୁଖ୍ୟ ସ୍ୱେଚ୍ଛାସେବୀ ମାନେ ନିଷିଦ୍ଧ ନଶ୍ୱେତକ ନିଶା ଦ୍ରବ୍ୟରେ ଅଭ୍ୟସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ନଜର ରଖିବେ। ତୃଣମୂଳ ସ୍ତରରେ ନିଶା ନିବାରଣ ନେଇ ସଚେତନତା ସୃଷ୍ଟି କରିବେ। ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ସ୍ୱାଗତ ସୂଚନା ଦେଇଥିଲେ। ରାଜ୍ୟ ସଂଯୋଜକ ପ୍ରଜ୍ଞା ଜୈନ ଏବଂ ଲାଲ ଖଲେନ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସୂଚନା ଯୋଗ୍ୟ, ଭାରତ ସରକାରଙ୍କ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ୨୦୨୦-୨୧ ଆର୍ଥିକ ବର୍ଷରେ ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ହୋଇଥିଲା।

## ଜିଲାସ୍ତରୀୟ କନିଷ୍ଠ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜୟପୁର, ୨।୩(ନି.ପ୍ର.)

ଦାମନଯୋଡ଼ି ମାଲୁସାନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ତିନିଦିନିଆ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ଏବଂ ସମ୍ମାନିତ ଅତିଥିଭାବେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରକଳ୍ପ ଅଧିକାରୀ ନୂତନ ସଗରିଆ, ସେମିଲିଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚମେଲି ମଜୁମଦାର, ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ବେହେରା, ନାରାୟଣପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗୀ, କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରଥ, ମାଲୁସାନ୍ତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଜଣେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ହେବାପାଇଁ ପରାମର୍ଶ ଦେଇଥିଲେ। ଜିଲା ସାଧନକର୍ମୀ ଜ୍ୟୋତିରଞ୍ଜନ ନନ୍ଦ ଅତିଥି ପରିଚୟ, ଜିଲା କନିଷ୍ଠ ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ସାହେଦା ପରବିନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଶିବିରାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ହରେକୃଷ୍ଣ ମହାରଣା ପରିଚାଳନା କରିଥିଲେ। ଭୁବନେଶ୍ୱରର ଶିଖରଚଣ୍ଡୀସ୍ଥିତ ନୀଳାଚଳ ପଲିଟେକ୍‌ନିକଠାରେ ଆସନ୍ତା ୨୬ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ତାଲିମ ଶିବିରରେ ଅଂଶଗ୍ରହଣ ପାଇଁ ୧୨ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଆର. ଶିବଶଙ୍କର ପଟ୍ଟନାୟକ, ବିଜୟ ସାହୁ, ସମ୍ପାଦକ ଭୀମ ବେହେରା, ନବଘନ ରାଉତ, ବ୍ଲକ ସଂଯୋଜକ ପ୍ରସନ୍ନ ଦାଶ ସହଯୋଗ କରିଥିଲେ।

## ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ ଜଣାଇଲେ ଶିକ୍ଷୟିତ୍ରୀ

- ବିଦ୍ୟାଳୟରେ ଶିକ୍ଷକ ଅଭାବ ପ୍ରସଙ୍ଗ
- ଡିଇଓଙ୍କୁ ପଚାରିବାରୁ ଓଲଟା କହିଲେ ସେଠି ବିଇଓ କ’ଣ କରୁଛନ୍ତି
- କିଏ କେମିତି ଯିବ ମୁଁ ଜାଣିନି: ଶିକ୍ଷୟିତ୍ରୀ

ପଟ୍ଟାଙ୍ଗି, ୨।୩(ଡି.ଏନ.ଏ.)

ଛାତ୍ରୀଛାତ୍ରଙ୍କ ତୁଳନାରେ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ ନେଇ ବାରମ୍ବାର ଖବର ପ୍ରକାଶ ପାଉଛି। ଏପରି କେତେକ ବିଦ୍ୟାଳୟରେ ରହିଥିବା ସମସ୍ୟା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ବ୍ଲକ ଶିକ୍ଷା ଅଧିକାରୀ ତତ୍ପରତା ଦେଖାଇଥିଲେ। କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସଙ୍ଗେ ସଙ୍ଗେ ଡେପୁଟେଶନ କରାଯାଇଥିଲା। ଡେପୁଟେଶନ ନିର୍ଦ୍ଦେଶର ୨ଦିନ ପରେ କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଡେପୁଟେଶନ ଅର୍ଡର ବାତିଲ ହୋଇଥିବା ଜଣାପଡିଛି। ଗୋପବନ୍ଧୁପଲ୍ଲୀ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବାତିଲ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଖବରରୁ ଜଣାପଡିଛି, ଏହିବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଭାବ ନେଇ ଗତ ମାସ ୧୦ରେ ଧରିତ୍ରୀରେ ‘ଅଧିକାରୀଙ୍କ ଅବହେଳା, ଭୁଶୁଡୁଛି ଗ୍ରାମାଞ୍ଚଳର ଶିକ୍ଷା ବ୍ୟବସ୍ଥା’ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବ୍ଲକ ଶିକ୍ଷା ଅଧିକାରୀ ତତ୍ପରତା ଦେଖାଇଥିଲେ। ଉକ୍ତ ଦିନ କୋଟିଆ ପଞ୍ଚାୟତ ତାଡ଼ିବାଲସା ଏନ୍‌ପିଏସ୍ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଖୁଜୁରଙ୍କୁ ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରେ ଥିବା ଗୋପବନ୍ଧୁପଲ୍ଲୀ ବିଦ୍ୟାଳୟକୁ ଡେପୁଟେଶନ କରାଯାଇଥିଲା। ଉକ୍ତ ଡେପୁଟେଶନର ୧୪ ଦିନପରେ ଶିକ୍ଷୟିତ୍ରୀ ଖୁଜୁରଙ୍କ ଡେପୁଟେଶନ ନିର୍ଦ୍ଦେଶକୁ ବାତିଲକରି ତାଙ୍କୁ କାରିଡି ପିଏସ୍‌କୁ ଡେପୁଟେଶନ କରାଯାଇଥିଲା। ଏହାର ପ୍ରତିବାଦରେ ଗୋପବନ୍ଧୁପଲ୍ଲୀ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିବାଦ କରିବା ପରି ଘଟଣା ବୁଧବାର ଦେଖିବାକୁ ମିଳିଛି।

ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରେ ଥିବା ଏହି ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଠାରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷୟିତ୍ରୀ ଶିକ୍ଷକ କମ୍ ଅଛନ୍ତି। ଗୋଟିଏ ଫାଟକ ଦେଇ ବିଦ୍ୟାଳୟ ଏବଂ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ହୁଏ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ୩ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଛାତ୍ରୀଛାତ୍ର ବାହାରକୁ ଚାଲିଯାଉଥିବା ଦର୍ଶାଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ଫାଟକରେ ତାଲା ପକାଇଦେଇଥିଲେ। ଫଳରେ ବିଇଓ ଅଫିସ ଏବଂ ଅଙ୍ଗନୱାଡି କେନ୍ଦ୍ରକୁ ଯିବା ସମ୍ଭବ ହୋଇ ନ ଥିଲା । ବିଇଓ ଅଫିସ ଓ ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ଫାଟକ ବାହାରେ ଅପେକ୍ଷା କରି ରହିଥିବା ଶିକ୍ଷକ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କୁ ହଇରାଣ ହେବାକୁ ପଡିଥିଲା। ଏପରି ସମସ୍ୟା ସମ୍ପର୍କରେ ଖବର ପାଇ ଘଟଣାସ୍ଥଳକୁ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ସମସ୍ୟା ସମ୍ପର୍କରେ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ମୁଁ ମୋ ବିଦ୍ୟାଳୟ ଫାଟକରେ ତାଲା ପକାଇଛି। ବିଇଓ ଏବଂ ଅଙ୍ଗନୱାଡି କେନ୍ଦ୍ରକୁ କିଏ କେମିତି ଯିବେ ମୁଁ କିଛି ଜାଣିନାହିଁ ବୋଲି କହିଥିଲେ । ଏନେଇ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ରାମଚନ୍ଦ୍ର ନାହାକଙ୍କୁ ପଚାରିବାରୁ ବ୍ଲକ ଶିକ୍ଷା ଅଧିକାରୀ ସେଠାରେ କ’ଣ କରୁଛନ୍ତି ବୋଲି ଓଲଟା ପ୍ରଶ୍ନ କରିଥିଲେ । ଏଥିରୁ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାରେ ଜିଲା ଶିକ୍ଷା ଅଧିକାରୀ କେତେ ତତ୍ପର ତାହା ସ୍ପଷ୍ଟ ହେଉଛି।

### ୨୩୩ ଯୁକ୍ତ ୨ ପରୀକ୍ଷା ଦେଉଛନ୍ତି

ଏମ.ଭି.୭୯(ଡି.ଏନ.ଏ)୨।୩

ସ୍ଥାନୀୟ ଡ. ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଛି। ଯୁକ୍ତ ୨ କଳା ଶ୍ରେଣୀରେ ମୋଟ ୨୩୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। କାଲିମେଲା ଗୋପବନ୍ଧୁ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ପରିଦର୍ଶକ ତଥା ଜିଲାପାଳଙ୍କ ପ୍ରତିନିଧି ଭାବେ କାଲିମେଲା ଅତିରିକ୍ତ ତହସିଲଦାର ନାରାୟଣ ନାୟକ ପରୀକ୍ଷା ସମୟରେ ଉପସ୍ଥିତ ଥିଲେ। ପ୍ରଥମଦିନର ପରୀକ୍ଷା ଶାନ୍ତିଶୃଙ୍ଖଳାରେ ସରିଥିବା ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାଢୀ କହିଛନ୍ତି।







ଗୁରୁବାର ମାଲକାନଗିରି, କୋରାପୁଟ ଓ ଜୟପୁର ପୌର ପରିଷଦ ପକ୍ଷର ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛକର୍ମୀଙ୍କୁ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଦଶମନ୍ତପୁର,(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧୀନ ପେଡିସିଲ ଗାଁ ନିକଟ ଡିଆଁସିଲ୍ ନାଳରେ ଗୁରୁବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖାଯାଇଥିଲା। ଗାଁର କେତେଜଣ ଯୁବକ ଉକ୍ତ ନାଳକୁ ଶୌଚପାଇଁ ଯାଇଥିବା ବେଳେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ମୃତକଙ୍କ ପରିଚୟ ନ ମିଳିବାରୁ ସ୍ଥାନୀୟ ସରପଞ୍ଚ ସବାଇ ମୁଦୁଲି ଏ ନେଇ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଦୀପିକା ହୀରାଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ସଂକ୍ଷେପରେ

### ଦଧିବାମନଙ୍କ ନୂତନ ମନ୍ଦିର ପ୍ରବେଶ ଆଜି



ରାୟଗଡ଼ା,୨।୩(ସ୍ୱ.ପ୍ର.): ରାୟଗଡ଼ା ସହର କସ୍ତୁରୀନଗର ୧୦ମ ଗଳିରେ ଶ୍ରୀଦଧିବାମନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଚାଲିଛି। ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, କଳସ ଯାତ୍ରା, ଶାଳା ଦେବତା ପୂଜା, ସୂର୍ଯ୍ୟପୂଜା ଗୋପୂଜା, ଗୁରୁ ପୂଜା, ହବନ, ଦେବତା ସ୍ନାନ, ମନ୍ଦିର ସ୍ନାନ ଆଦି ହୋଇଥିବା ବେଳେ ଶୁକ୍ରବାର ଶେଷ ଦିନରେ ଶ୍ରୀଦଧିବାମନ ବିଗ୍ରହଙ୍କ ମନ୍ଦିର ପ୍ରବେଶ ସମସ୍ତ ରୀତିନୀତିରେ ହେବ । ପୁରୀର ଜଗନ୍ନାଥ ସଂସ୍କୃତି ପ୍ରବଚକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ କର କମଳରେ ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପାଦନା ହେଉଛି । ପ୍ରତ୍ୟେକ ସନ୍ଧ୍ୟାରେ ପଣ୍ଡିତ ରଥଶର୍ମାଙ୍କ ପ୍ରବଚନ କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କ ସମାଗମ ଲାଗିରହୁଛି। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସଭାପତି ଜଗଦୀଶ ପଣ୍ଡା, ନୀଳାଞ୍ଚଳ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି ।

### ଏଡିଜେଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଗୁଣପୁର,୨।୩(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ଏଡିଜେ ତଥା ଅତିରିକ୍ତ ଜିଲା ଜଜ୍ ମାନସ ରଞ୍ଜନ ରଥଙ୍କୁ ଗୁରୁବାର ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ସଂପାଦକ ଜଗଦିଶ ଗମାଙ୍ଗ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବଜଜ ସନ୍ତୋଷ କୁମାର ମହାପାତ୍ର, ଏସଡିଜେଏମ ଶାନ୍ତାଶ୍ରୀ ମହାନ୍ତି ଏବଂ ଜେଏମଏଫସି ଦେବାନ ସତ୍ୟଦର୍ଶୀ ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ,ରାଜେନ୍ଦ୍ର ପ୍ରସାଦ ପାଢ଼ି,ରାଜେନ୍ଦ୍ର ପ୍ରସାଦ ସାହୁ, ଫଣି ଭୂଷଣ ପଟ୍ଟନାୟକ, ଏସ.ଗଣପତି ରାଓଙ୍କ ସମେତ ବରିଷ୍ଠ ଏବଂ କନିଷ୍ଠ ଓକିଲମାନେ ଉପସ୍ଥିତ ରହି ବିଦାୟୀ ଏଡିଜେଙ୍କ ସମ୍ପର୍କରେ କହିଥିଲେ। ସୂଚନାଯୋଗ୍ୟ, ଏଡିଜେ ରଥଙ୍କୁ ନୟାଗଡ ଜିଲା ଓଡଗାଁଙ୍କୁ ବଦଳି ହୋଇଥିବାବେଳେ କଟକ-୩ର ଏଡିଜେ ସେଖ ମହମ୍ମଦ କ୍ୱାଇସଙ୍କର ଗୁଣପୁରକୁ ବଦଳି ହୋଇଛି।

### ଦୁର୍ଘଟଣାରେ କନଷ୍ଟେବଲ ମୃତ, ଟ୍ରକ ଡ୍ରାଇଭର ଅଟକ

ନବରଙ୍ଗପୁର,୨।୩(ବି.ପ୍ର.): ନବରଙ୍ଗପୁର ସହର ଡିଆରଡିଏ କାର୍ଯ୍ୟାଳୟ ପଛ ବାଇପାସ ରାସ୍ତା ଅଶୋକ ନଗର ଛକ ନିକଟରେ ଟ୍ରକ ଓ ବାଇକ ମୁହାଁ ମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନକୁଳ ମାଝି। ସେ ପୋଲିସ ବିଭାଗରେ ଓଏପିଏଫ୍ କନଷ୍ଟେବଲ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଗୁରୁବାର ସନ୍ଧ୍ୟାରେ ପୋଲିସ ରିଜର୍ଭ କାର୍ଯ୍ୟାଳୟରୁ ସର୍କିଟ ହାଉସରେ ଥିବା ମେସ୍‌କୁ ବାଇକ୍‌ରେ ଫେରିବାବେଳେ ଟ୍ରକ ସହ ଧକ୍କା ହେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଟାଉନ ଥାନା ପୋଲିସ ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ପଠାଇଛି। ଟ୍ରକ ଚାଳକଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ପୋଲିସର ଜିମା ଦେଇଛନ୍ତି।

### ଟ୍ରାକ୍ଟର ଦୁର୍ଘଟଣାରେ ନାବାଳକ ଶ୍ରମିକଙ୍କ ମୃତ୍ୟୁ

ଝରିଗାଁ, ୨।୩(ସ୍ୱ.ପ୍ର.): ଝରିଗାଁ ବ୍ଲକ ଅଧୀନ ପାଲିଆ ପଞ୍ଚାୟତର ମୋତିବନ୍ଧଗୁଡା ଛକରେ ଏକ ବାଲି ବୋଝେଇ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ସେଥିରେ ବସିଥିବା ଜଣେ ନାବାଳକ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନିରଞ୍ଜନ ପୂଜାରୀ (୧୫)।ସୂଚନାନୁଯାୟୀ ଚଚା ଗ୍ରାମର ପିତାମ୍ବର ପୂଜାରୀଙ୍କ ଟ୍ରାକ୍ଟର (ଓଡ଼ି-୨୪ଏ-୧୯୩୨) ସକାଳୁ ଗ୍ରାମର କେତେଜଣ ଶ୍ରମିକଙ୍କୁ ନେଇ ପାଉରବେଲି ବାଲି ଘାଟରୁ ବାଲି ଆଣିବାକୁ ଯାଇଥିଲା। ବାଲି ଆଣି ଫେରିବାବେଳେ ମୋତିବନ୍ଧଗୁଡା ଛକଠାରେ ଟ୍ରାକ୍ଟରଟି ରାସ୍ତା କଡ଼କୁ ଓଲଟିପଡ଼ିଥିଲା। ନିରଞ୍ଜନ ବାଲି ମଧ୍ୟରେ ଚାପି ହୋଇ ପ୍ରାଣ ହରାଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଚାଳକ ଓ ଅନ୍ୟ ଶ୍ରମିକମାନେ ଫେରାର ଅଛନ୍ତି। ସ୍ଥାନୀୟ ଲୋକେ ମୃତକଙ୍କ ବାପା ସୋମନାଥ ପୂଜାରୀଙ୍କୁ ଦୁର୍ଘଟଣା ନେଇ ଖବରଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ଧାନ ଦେଇ ହରଡ଼ଘଣାରେ ଚାଷୀ

ରାୟଗଡ଼ା, ୨।୩ (ସ୍ୱ.ପ୍ର.)



କୋରାପୁଟ ଏମ୍‌ପିଙ୍କୁ ସମସ୍ୟା ଜଣାଉଛନ୍ତି ପଦ୍ମପୁରର ଚାଷୀମାନେ।

- ମିଲରଙ୍କୁ ଧାନ ଦେଇ ମାସେ ବିତିଗଲାଣି
- ପଦ୍ମପୁର ଚାଷୀ ଗୁଣପୁର ମିଲରଙ୍କୁ ଧାନ ବିକ୍ରି କରି ହତାଶ ।

ପଦ୍ମପୁର ରାୟଗଡ଼ା ଜିଲା ପଦ୍ମପୁର ବ୍ଲକର ଚାଷୀ ଗୁଣପୁରର ମିଲରଙ୍କୁ ଧାନ ହସ୍ତାନ୍ତର କରି ସାରିଲେଣି । ହେଲେ ପଦ୍ମପୁର ଲ୍ୟାମ୍ପସ ପକ୍ଷରୁ ଗୁଣପୁର ମିଲରଙ୍କୁ ଟାର୍ଗେଟ ନ ମିଳିବାରୁ ଚାଷୀ ଟଙ୍କା ନ ପାଇ ହଇରାଣ ହେଉଛନ୍ତି। ଏ ନେଇ ସେମାନେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଭେଟି ନିଜ ଦୁଃଖ ଜଣାଇଛନ୍ତି । ଏମ୍‌ପି ଏ ସମ୍ପର୍କରେ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ ଓ ଜିଲାପାଳ ସ୍ୱଧା ଦେବ ସିଂଙ୍କୁ ଫୋନ ଯୋଗେ ଅବଗତ କରାଇ ସମସ୍ୟା ସମାଧାନ କରିବାକୁ କହିଛନ୍ତି। ଯଦି ପ୍ରଶାସନ ଚାଷୀଙ୍କ ସମସ୍ୟା ସମାଧାନ ନ କରେ ତେବେ ଏହି ପ୍ରସଙ୍ଗ ଲୋକସଭାରେ ଉଠାଇବା ସହ ରାଜରାସ୍ତାକୁ ଓହ୍ଲାଇ ଚାଷୀଙ୍କ ସହିତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି ।

ପଦ୍ମପୁର ବ୍ଲକର ମିଲରମାନେ ଧାନ ଓଜନ ସମୟରେ କୁଇଣ୍ଟାଲ ପିଛା ୫ କେଜି କାଟ୍ କରିବା ପାଇଁ ଚାଷୀଙ୍କୁ ବାଧ କରୁଛନ୍ତି । ତେଣୁ ପଦ୍ମପୁର ବ୍ଲକର ଅଧିକାଂଶ ଚାଷୀ ସ୍ଥାନୀୟ ମିଲରଙ୍କୁ ଧାନ ନ ଦେଇ ଗୁଣପୁର ଅଞ୍ଚଳର ମିଲରମାନଙ୍କୁ ଦେଉଛନ୍ତି। ହେଲେ ଗୁଣପୁର ମିଲରମାନଙ୍କୁ ଟାର୍ଗେଟ ମିଳୁ ନ ଥିବାରୁ ସେମାନେ ଚାଷୀଙ୍କ ଧାନ ଟୋକନ ଗ୍ରହଣ କରିପାରୁନାହାନ୍ତି। ଯଦ୍ୱାରା ଚାଷୀ ଟଙ୍କା ପାଇ ପାରୁନାହାଁନ୍ତି । ପଦ୍ମପୁର ବ୍ଲକର ମିଲର ଓ ଲ୍ୟାମ୍ପସ ଏମ୍‌ଡିଙ୍କ ମଧୁଚନ୍ଦ୍ରିକା କାରଣରୁ ଗୁଣପୁରର ମିଲରମାନଙ୍କୁ ଟାର୍ଗେଟ ମିଳୁନାହିଁ ବୋଲି ପଦ୍ମପୁରର ଚାଷୀ ସାଂସଦଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗୁରୁବାର ପ୍ରାୟ ୧୮ଜଣ ଚାଷୀ ରାୟଗଡ଼ା ଆସି ଏମ୍‌ପିଙ୍କୁ ଭେଟିଥିଲେ । ସେମାନଙ୍କ କହିବା ଅନୁଯାୟୀ, ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ପଦ୍ମପୁର ମିଲରଙ୍କ ଶୋଷଣକୁ ବିରୋଧ କରି ଗୁଣପୁର ମିଲରମାନଙ୍କୁ ନିଜ ଧାନ ବିକ୍ରି କରିଛନ୍ତି। ପ୍ରାୟ ୫ହଜାର କୁଇଣ୍ଟାଲ ଧାନ ମିଲରମାନଙ୍କୁ ଦେଇ ଦୀର୍ଘ ଦିନ ହେଲା ଟଙ୍କା ପାଇନାହାନ୍ତି। ଉକ୍ତ ମିଲରମାନଙ୍କୁ ପଦ୍ମପୁର ଲ୍ୟାମ୍ପସ ପକ୍ଷରୁ ଧାନ ସଂଗ୍ରହ ପାଇଁ ଟାର୍ଗେଟ ମିଳି ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଚାଷୀମାନେ ଅଭଯୋଗ କରିଛନ୍ତି । ଫେବୃୟାରୀ ମାସ ପ୍ରଥମ ସପ୍ତାହରେ ଟୋକନ ପାଇଥିବା ଚାଷୀଙ୍କ ଧାନବିକ୍ରି ପାଇଁ ସମୟସୀମା ମାର୍ଚ୍ଚରେ ଶେଷ ହେଉଛି । ହେଲେ ମିଲରମାନଙ୍କୁ ଟାର୍ଗେଟ ନ ମିଳିବା କାରଣରୁ ଚାଷୀମାନେ ବର୍ତ୍ତମାନ ସୁଦ୍ଧା ଟଙ୍କା ପାଇନାହାଁନ୍ତି । ଯାହା ଫଳରେ ସେମାନେ ବ୍ୟାଙ୍କ ଋଣ ଶୁଝିବା ଓ ପରିବାର ଚଳାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୁଣପୁରର ଜୟ ମା’ ତାରିଣୀ, ମା’ ତାରିଣୀ, ଜୟ ହନୁମାନ, ନବୀନ ରାଇସ ମିଲ, ଚଞ୍ଚଳା ରାଇସ ମିଲ ଓ ଚାଲଖମ୍ବାର ଲକ୍ଷ୍ମୀ ନୃସିଂହ ରାଇସ ମିଲକୁ ଚାଷୀମାନେ ଧାନ ବିକ୍ରି କରିଛନ୍ତି । ଚାଷୀଙ୍କ କହିବା କଥା ହେଲା ଯେ, ସେମାନେ ଦୀର୍ଘ ବର୍ଷ ହେଲା ଗୁଣପୁର ବ୍ଲକର ମିଲରଙ୍କୁ ଧାନ ବିକ୍ରି କରୁଛନ୍ତି । ପୂର୍ବରୁ କେବେ ଏଭଳି ଅସୁବିଧା ହେଉନଥିଲା ବୋଲି କହିଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ ରାଜ କିଶୋର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଏ ବିଷୟରେ ସମସ୍ତ କଥା ବୁଝି ଚାଷୀଙ୍କ ସମସ୍ୟା କିଭଳି ସମାଧାନ ହୋଇପାରିବ ତାହାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

## ୫ରୁ ଜିଲାସ୍ତରୀୟ ଉଦ୍ୟୋଗୀ ମେଳା

ରାୟଗଡ ଅଫିସ,୨।୩

ରାୟଗଡ଼ା ଜିଲାସ୍ତରୀୟ ଉଦ୍ୟୋଗୀ ମେଳା ଆସନ୍ତା ୫ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଯୋଗଦେବେ। ଉଦ୍ୟୋଗୀମାନଙ୍କୁ ନେଇ ୪ଦିନ ଧରି ଦୈନିକ ଆଲୋଚନାଚକ୍ର ସହ ଉତ୍ପାଦନ ଓ ବିପଣନ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ସଚେତନ କରାଯିବ। ମେଳାରେ ୧୦୦ଟି ପ୍ରଦର୍ଶନୀ ଷ୍ଟଲ୍ ହେବ । ଜିଲା ଶିଳ୍ପ କେନ୍ଦ୍ର ତରଫରୁ ହେବାକୁ ଥିବା ଏହି ଉଦ୍ୟୋଗୀ ମେଳାର ପ୍ରଥମ ଦିନ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବେ। ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାଶ, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ୭ ତାରିଖରେ ମହିଳା ଦିବସ ପାଳନ କରାଯିବ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନସୂୟା ମାଝୀ ଯୋଗଦେବେ । ଶେଷ ଦିନରେ ଅଣୁ, କ୍ଷୁଦ୍ର, ମଧ୍ୟମ, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ମୁଖ୍ୟ ଅତିଥି ଓ ତାଙ୍କ ସହିତ ଜିଲାର ବୃହତ୍ ଶିଳ୍ପାନୁଷ୍ଠାନଗୁଡ଼ିକର ମୁଖ୍ୟ ଓ କାର୍ଯ୍ୟକାରୀ ଉପସଭାପତିମାନେ ଯୋଗ ଦେବେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ରାୟଗଡାର ସାଧାରଣ ପରିଚାଳକ ବିକାଶ ଚନ୍ଦ୍ର ବାଇନ ଅଧକ୍ଷତା କରିବେ । ଜିଲାର ବିଭିନ୍ନ ଶିଳ୍ପ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ପ୍ରଦର୍ଶନ ଓ ବିକ୍ରୟ କରାଯିବ।

## କୃତଜ୍ଞତା ଜଣାଇଲା ପ୍ରାଥମିକ ଶିକ୍ଷକ ସଂଘ



### ପଦୋନ୍ନତି ସମୟ ସୀମାରେ କୋହଳ

ରାୟଗଡ଼ା ଅଫିସ,୨।୩

ରାଜ୍ୟ ସରକାର ଶିକ୍ଷକମାନଙ୍କ ପଦୋନ୍ନତିରେ ସମୟ ସୀମାକୁ କୋହଳ କରିଥିବା ନେଇ ଗତ ୨୭ ତାରିଖରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ଜାରି କରାଯାଇଛି । ପ୍ରତି ଶିକ୍ଷକ ପଦବୀରେ ଆବାସ ଅବଧି ୫୦ଶତକଡା କୋହଳ କରାଯାଇଥିବାରୁ ରାଜ୍ୟରେ ପ୍ରାୟ ୫୪,୦୦୦ ଶିକ୍ଷକ ଉପକୃତ ହେବେ। ସେଥିମଧ୍ୟରେ ରାୟଗଡ଼ା ଜିଲାରୁ ପ୍ରାୟ ୨୦୦୦ ବିଭିନ୍ନ ବର୍ଗର ଶିକ୍ଷୟିତ୍ରୀଶିକ୍ଷକ ଉପକୃତ ହେବେ। ଜିଲାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦବୀ ୫୩୨ ଥିବା ବେଳେ ଅଧିକାଂଶ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନାହାନ୍ତି। ଏହି ବିଜ୍ଞପ୍ତି ବଳରେ ଚତୁର୍ଥ ବର୍ଗ ଶିକ୍ଷକମାନେ ପ୍ରଧାନ ଶିକ୍ଷକ ରୂପେ ପଦୋନ୍ନତି ପାଇଲେ ଲେଭଲ ୫ ବି ଓ ୫ ଏ ବର୍ଗର ଶିକ୍ଷକ ମଧ ଉକ୍ତ ଖାଲି ସ୍ଥାନକୁ ପଦୋନ୍ନତିରେ ଯିବେ। ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଏପରି ଦାବିକୁ ଏକ ମାସ ମଧ୍ୟରେ ସରକାର ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ତଥା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ରାୟଗଡ଼ା ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ରାଜ୍ୟ ଶିକ୍ଷକ ସଂଘ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ଉପ ସଭାନେତ୍ରୀ ସଙ୍ଗୀତା ଦାସ, ମହାସଚିବ ଚାରୁବାଳା ମହାପାତ୍ର, ଆଞ୍ଚଳିକ ସମ୍ପାଦକ ସୁରେନ୍ଦ୍ର କୁଲଦୀପଙ୍କ ସମେତ ସମସ୍ତ ରାଜ୍ୟ କର୍ମକର୍ତ୍ତାଙ୍କ ପ୍ରଚେଷ୍ଟାକୁ ଜିଲାର ଶିକ୍ଷକମାନେ ସାଧୁବାଦ ଜଣାଇଛନ୍ତି । କସ୍ତୁରୀ ନଗର ଦଶମ ଗଳି ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ବୈଠକରେ ଆବାହକ ଜିଲା ସମ୍ପାଦକ ନୀଳାଞ୍ଚଳ ମିଶ୍ର, ଉପସଭାନେତ୍ରୀ ବି. ସୁଜାତା, ଉପସଭାପତି ଦୀପକ ରାଉତ, କାର୍ଯ୍ୟକାରୀ ସଭାପତି ନରେଶ ସିଂ, ସଂଗଠନ ସମ୍ପାଦକ ସାନନ୍ଦ ବେନିଆ, କାର୍ଯ୍ୟକାରୀ ସମ୍ପାଦକ ମହେନ୍ଦ୍ର ବାଗ, ଯୁଗ୍ମ ସମ୍ପାଦିକା ଅଞ୍ଜଳି ଶତପଥୀ, ରାୟଗଡ଼ା ସଦର ବ୍ଲକ ସଭାପତି ସଦାନନ୍ଦ ନାଏକ, ସମ୍ପାଦକ ଦୁର୍ଗା ସନ୍ନ୍ୟାସୀ ବେହେରା, ଯୁଗ୍ମ ସମ୍ପାଦକ ରାଜେଶ ସୱାଳସିଂ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ଏହାର ପ୍ରଶଂସା କରିଥିଲେ ।

# ହିଂସାମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ନବରଙ୍ଗପୁର, ୨।୩(ବି.ପ୍ର.)

### ସଖୀ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ୮ ଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ

ୱାନ୍ ଷ୍ଟପ୍ ସେଣ୍ଟର ‘ସଖୀ’, ନବରଙ୍ଗପୁର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ୮ ଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସଖୀ ପରିଚାଳିକା ରଞ୍ଜିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପରିବାର ଅଦାଲତ ବିଚାରପତି ମୁନରାଣୀ ମିଶ୍ର ମୁଖ୍ୟ ଅତିଥି, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସଖୀ କେନ୍ଦ୍ରର କେସ୍ ୱାର୍କର ସୁନିତା ମହାରଣା ପ୍ରାରମ୍ଭିକ ଭଜନ ଗାଇଥିଲେ। ମୁଖ୍ୟ ଅତିଥି ମହିଳା ହିଂସା ମୁକ୍ତ ସମାଜ ଗଠନ ଉପରେ ମତ ଦେଇଥିଲେ। ଏଥିସହ ନାରୀ ଅଧିକାର ଏବଂ ସମ୍ମାନ ଉପରେ ସେ ମତ ରଖିଥିଲେ। ସମସ୍ତେ ମିଳିତ ଭାବେ କାମ କରିବା ସହ ନାରୀ ପ୍ରତି ହେଉଥିବା ହିଂସା ବିରୋଧରେ ସ୍ୱର ଉତ୍ତୋଳନକରି ତାହାକୁ ବନ୍ଦ କରିବାକୁ ଜିଲା ସମାଜ କଲ୍ୟାଣ ଅଧିକାରୀ କହିଥିଲେ। ମହିଳା ସଶକ୍ତ ହୋଇ ଅନ୍ୟ ମହିଳାଙ୍କ ପ୍ରତି ହେଉଥିବା ସମସ୍ୟାର ସମାଧାନ ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ କରିଥିଲେ। ଶିଶୁ ପ୍ରକଳ୍ପ ବିକାଶ ସୁରକ୍ଷା ଅଫିସର, ନବରଙ୍ଗପୁର କଲେଜ ଅଧ୍ୟାପିକା, ଡିଏସ୍‌ପି, ସ୍ୱଧାର ଗୃହ ପରିଚାଳିକା, ଶିବାନୀ ଅନୁଷ୍ଠାନ ପରିଚାଳିକା, ଆକ୍ସନଏଡ୍ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ। ଜିଲା ମହିଳା ସୁରକ୍ଷା ଅଧିକାରୀ ବଲୋ ପଦ୍ମାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ପରିଚାଳନାରେ କିଶୋରୀ ପଟ୍ଟନାୟକ, ଜ୍ୟୋତିର୍ମୟୀ ମହାନ୍ତି, ସୌଦାମିନୀ ବୈପାରୀ, ଏମ୍.ଅନିତା କୁମାରୀ, ରୁବିନା ନାୟକ, ସୁନିତା ମହାରଣା, ପୁଷ୍ପା ନାଗ ଏବଂ ଡିସେମ୍ବର ହରିଜନ ଉପସ୍ଥିତ ଥିଲେ।

## ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ, ୨ ବୋହୂ, ପୁଅ ଗିରଫ

ପାପଡ଼ାହାଣ୍ଡି,୨।୩(ଡି.ଏନ୍.ଏ.)

ପାପଡ଼ାହାଣ୍ଡି ଥାନା ଅଧୀନ ବଡ଼ କୁମୁଲି ଗ୍ରାମର ନନ୍ଦ ଗୌଡ଼ଙ୍କ ସ୍ତ୍ରୀ ଦେବକୀ ମାଝି (୭୦) ଓ ଅନ୍ୟ ଜଣେ ବ୍ୟକ୍ତି ଡମ୍ବୁ ମାଝି (୫୦)ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ବୃଦ୍ଧାଙ୍କ ୨ ବୋହୂଙ୍କ ସହ ପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ଦେବକୀଙ୍କ ବୋହୂ ଚଞ୍ଚଳା, କମଳୀ ଓ ପୁଅ ଲାଲୁ। ସୂଚନାନୁଯାୟୀ ଗୁରୁବାର ବଡ଼ କୁମୁଲି ଗ୍ରାମର ଡମ୍ବୁ ମାଝୀଙ୍କ (୫୦) ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଖବରପାଇ ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଉଥିଲା। ଏହି ସମୟରେ ଶ୍ମଶାନ ନିକଟରେ ଦେବକୀଙ୍କୁ ମଧ୍ୟ ମୁମୂର୍ଷୁ ଅବସ୍ଥାରେ ପୋଲିସ ଉଦ୍ଧାର କରି ପାପଡ଼ାହାଣ୍ଡି ଡାକ୍ତରଖାନାକୁ ନେଇଥିଲା। ପ୍ରାଥମିକ ଚିକିତ୍ସା ପରେ ଦେବକୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୁରୁତର ଡମ୍ବୁଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଡମ୍ବୁଙ୍କ ପୁଅ ବୁଦ୍ଧୁରାମଙ୍କ ଅଭିଯୋଗ କ୍ରମେ କେସ୍ ନଂ. ୩୩/ ୨୩ରେ ପୋଲିସ ମାମଲା ରୁଜୁ କରିଛି ବୋଲି ତଦନ୍ତ ଅଧିକାରୀ ଶିବଜି ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ବିନା କାରଣରେ ଦେବକୀ ଓ ଡମ୍ବୁଙ୍କୁ ମାଡ଼ ମାରିଛନ୍ତି ବୋଲି ବୁଦ୍ଧୁରାମ କହିଛନ୍ତି।

# ଜିଲାପାଳଙ୍କୁ ଭେଟିଲେ ସ୍ୱର୍ଣ୍ଣ ପଦକ ବିଜେତା ବାପ–ପୁଅ

ନବରଙ୍ଗପୁର,୨।୩(ବି.ପ୍ର.)



ଜିଲାପାଳ, ଜିଲା କ୍ରୀଡ଼ା ସଂଘ ସହସମ୍ପାଦକଙ୍କ ସହ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିଥିବା ଶରତ ଓ ସନ୍ଦୀପ।

ଆନ୍ତର୍ଜାତିୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ନବରଙ୍ଗପୁରର ସେନ୍‌ସାଇ ଶରତ କୁମାର ରାଉତ ଏବଂ ତାଙ୍କ ପୁଅ ସନ୍ଦୀପ କୁମାର ରାଉତ ଗୁରୁବାର ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ରଙ୍କୁ ଭେଟିଛନ୍ତି। ନବରଙ୍ଗପୁରକୁ ବିଶ୍ୱରେ ପରିଚିତ କରାଇଥିବାରୁ ଉଭୟ ଶରତ ଓ ସନ୍ଦୀପଙ୍କୁ ଜିଲାପାଳ ପ୍ରଶଂସା କରିଛନ୍ତି। ଏହି ଅବସରରେ ଜିଲା କ୍ରୀଡ଼ା ସଂଘ ସହ ସମ୍ପାଦକ ତଥା ଏସିଆନ କରାଟେ ସ୍କୁଲ ଉପଦେଷ୍ଟା ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

ସୂଚନାନୁଯାୟୀ, ଗତ ୧୧ ଓ ୧୨ ତାରିଖରେ ଜାପାନର କେଶାରଜ୍ଜୁ, ଚିବାକାନ ଓ ଟୋକିଓରେ ହୋଇଥିବା ଆନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ନବରଙ୍ଗପୁର ସହରର କରାଟେ ଏବଂ କୋବୁଡୁ( ଅସ୍ତ୍ରଶସ୍ତ୍ର ଚାଳନା) ପ୍ରଶିକ୍ଷକ ଶରତ ଓ ତାଙ୍କ ପୁଅ ସନ୍ଦୀପ ଭାଗ ନେଇଥିଲେ। ବାପା–ପୁଅଙ୍କ ଯୋଡି ଗୋଟିଏ ଲେଖାଏ ସ୍ୱର୍ଣ୍ଣପଦକ ଜିତିଥିଲେ। ଏଥିସହ ସନ୍ଦୀପ ପନ୍ଦର ବର୍ଷରୁ କମ ବ୍ୟକ୍ତିଗତ କରାଟେ କାତା ଇଭେଣ୍ଟ ଓ ଶରତ ପଞ୍ଚାବନ ବର୍ଷରୁ କମ ବ୍ଲାକବେଲ୍ଟ ମାଷ୍ଟର୍ସ କାତା ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେମାନଙ୍କୁ ବିଶ୍ୱ କରାଟେ ଫେଡରଶନ ପ୍ରତିଷ୍ଠାତା ଗ୍ରାଣ୍ଡ ମାଷ୍ଟର ନିମୁରା କେଞ୍ଜି ସାନ ଓ ସମ୍ପାଦକ ମାସାକି କେଞ୍ଜୀ ସାନ ସମ୍ମାନିତ କରିଥିଲେ। ବିଶ୍ୱ କରାଟେ ଫେଡରଶନ ସଭାପତି କେ. ଭି. ମନହାରନ ଉପସ୍ଥିତ ରହି ଭାରତ ପାଇ ଗୌରବ ଆଣିଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ପ୍ରତିଯୋଗିତାରେ ଶରତଙ୍କୁ ଭାରତର କରାଟେ ଫେଡରଶନ ଆମ୍ବସଦର୍ ଭାବେ ନିଯୁକ୍ତି ଦିଆଯାଇଛି।

## ଚାଲିଥିଲା ବାଲ୍ୟ ବିବାହ ଯୋଜନା, ଅଟକାଇଲା ପ୍ରଶାସନ

ତେନ୍ତୁଳିଖୁଣ୍ଟି, ୨ ।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡା ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ପ୍ରଶାସନ ଅଟକାଇଛି। ଏହାପରେ ନାବାଳିକାଙ୍କୁ ବୁଝାଶୁଝା କରି ମା ଘରକୁ ପଠାଯାଇଛି। ସୂଚନାନୁଯାୟୀ ପୂଜାରିଗୁଡ଼ା ଗ୍ରାମର ଜମାଦାର ଜାନୀଙ୍କ ପୁଅ ବିଭୀଷଣ(୧୮)ଙ୍କ ସହ ମାଲକାନଗିରି ଜିଲାର ଜଣେ ପନ୍ଦର ବର୍ଷୀୟା ନାବାଳିକାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ନାବାଳିକା ଜଣଙ୍କ ଘର ଛାଡି ପୁଜାରୀଗୁଡ଼ା ଆସି ଯାଇଥିଲେ। ସେମାନଙ୍କ ବିବାହ କରିବାକୁ ବିଭୀଷଣଙ୍କ ପରିବାର ଲୋକେ ଯୋଜନା କରୁଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କୌଣସି ସୂତ୍ରରୁ ଖବରପାଇ ସୁପରଭାଇଜର ସବିତା ଉପାସୀ ଓ ସବିତା ମଲ୍ଲିକଙ୍କୁ ସେଠାକୁ ପଠାଇଥିଲେ। ଅଧିକାରୀମାନେ ପୋଲିସ ସହ ସେଠାରେ ପହଞ୍ଚି ନାବାଳିକାଙ୍କୁ ବୁଝାଶୁଝା କରିଥିଲେ। ଅଠର ବର୍ଷ ହେଲେ ଉଭୟଙ୍କ ବିବାହ କରାଯିବ ବୋଲି ଅଧିକାରୀମାନେ କହିଥିଲେ। ବୁଝାଶୁଝା କରି ନାବାଳିକାଙ୍କ ମା ଘରକୁ ପଠାଯାଇଛି। ଏହି ସମୟରେ ସରପଞ୍ଚ ,ୱାର୍ଡ ସଭ୍ୟ ତଥା ପରଜା ସମାଜ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ମିଶନ ଅନ୍ତ୍ୟୋଦୟ ସର୍ଭେ ନେଇ ତାଲିମ

ଡାବୁଗାଁ, ୨।୩ (ଡି.ଏନ୍.ଏ.)

ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ମିଶନ ଅନ୍ତ୍ୟୋଦୟ ସର୍ଭେ ନିମନ୍ତେ ତାଲିମ ଦିଆଯାଇଛି। ପିଇଓ ଏ.ଡି ପ୍ରସାଦ ଓ କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରବୀଣ ପଟ୍ଟନାୟକ ପ୍ରମୁଖ ତାଲିମ ଦେଇଥିଲେ। ବ୍ଲକର ମୋଟ ୬୬ଟି ରାଜସ୍ୱ ଗ୍ରାମରେ ୬୬ ଜଣ ଏନୁମୁରେଟରଙ୍କୁ ନିଯୁକ୍ତି ଦିଆଯାଇ ଚଳିତ ମାସ ୧୦ ସୁଦ୍ଧା ସର୍ଭେ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ଗ୍ରାମରେ ସମସ୍ତ ପ୍ରକାର ଭିତ୍ତିଭୂମି ଏବଂ ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତ ଜୀବିକା ପୂର୍ଣ୍ଣ ପଞ୍ଚାୟତ, ସୁସ୍ଥ ପଞ୍ଚାୟତ, ସୁଶାସନ ପଞ୍ଚାୟତ ଓ ମହିଳା ଅନୁକୂଳ ପଞ୍ଚାୟତ ଗଠନ କରାଯିବ। ସମସ୍ତ ପିଇଓ, ଜିଆର୍‌ଏସ୍, ଯୋଗାଣ ସହାୟକ, ଭି.ଆର.ପି, ଜି.ପି.ଏଲ.ଏଫ ସଭାପତି ଓ ଗ୍ରାମ ସଭା ମୋବିଲାଇଜରଙ୍କୁ ତାଲିମ ଦିଆଯାଇଥିଲା। ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବିଇଓ ଶିବ ମଣ୍ଡଳ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ଭାରପ୍ରାପ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସାରସ୍ୱତ ସାହୁ, ସଙ୍ଗୀତା ସାମଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳୀପଦ କୀର୍ତ୍ତନିଆ, ପ୍ରଭାକର ମୁଦୁଲି, ପରଶୁରାମ ମାଳୀ ଓ ହଳଧର ଜାନି ଉପସ୍ଥିତ ଥିଲେ।



ରାୟଗଡ଼ା ପୌର ପରିଷଦ ପକ୍ଷରୁ ଜଳସାଥୀ, ସ୍ୱଚ୍ଛ କର୍ମୀ ଓ ଆହାର କର୍ମୀଙ୍କୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୟା ମାଝି, ପୌରାଧକ୍ଷ ପି.ମହେଶ ପଟ୍ଟନାୟକ, ଉପାଧକ୍ଷା ଶୁଭ୍ରା ପଣ୍ଡା, ଜିଲାପାଳ ସ୍ୱଧାଦେବ ସିଂ, ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କ ଉପସ୍ଥିତିରେ ସାଇକେଲ ବଣ୍ଟନ କରାଯାଉଛି।

## ଗୋଷ୍ଠୀ ସହଭାଗିତା ଉତ୍ସବ ପାଳନ

ଉମରକୋଟ, ୨ ।୩(ସ୍ୱ.ପ୍ର.)

ଉମରକୋଟ ପୌର ପରିଷଦ ପକ୍ଷରୁ ଗୋଷ୍ଠୀ ସହଭାଗିତା ଉତ୍ସବ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ଲୋକସେବା ଭବନରେ ଶୁଭାରମ୍ଭ କରାଯାଇଛି। ଏହାର ସିଧା ପ୍ରସାରଣ ଭିଡ଼ିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ଉମରକୋଟ ପୌର ପରିଷଦ ପକ୍ଷରୁ ୪୭ ଜଣ ସହଭାଗୀ ସ୍ୱଚ୍ଛସାଥି, ସ୍ୱଚ୍ଛକର୍ମୀ, ଆହାର କେନ୍ଦ୍ର ସ୍ୱଚ୍ଛ ସୁପରଭାଇଜର, ଜଳସାଥି, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ମହିଳା ସହାୟିକାଙ୍କୁ ମାଗଣା ସାଇକେଲ ବଣ୍ଟନ କରାଯାଇଥିଲା। ଉମରକୋଟ କୋଣ୍ଡାଗାଁ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ରାଧା ଭତ୍ରା ମୁଖ୍ୟ ଅତିଥି, ନିର୍ବାହୀ ଅଧିକାରୀ ରଷି ମାଝି, ଉପାଧକ୍ଷ ସୁଧାଂଶୁ ଦାଶ, ସମସ୍ତ ୱାର୍ଡ କାଉନସିଲର, ଓଏଲ୍‌ଆଇସି ଉପଦେଷ୍ଟା ପ୍ରମୋଦ ପାଢୀ, ଇଂ. ହିମାଂଶୁ ଭୂଷଣ ମହାନ୍ତି, ବରିଷ୍ଠ କିରାଣି ସୁକଦେବ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

## ‘ଶିବିରରେ ମିଳିଥିବା ତାଲିମକୁ ବାସ୍ତବ ଜୀବନରେ ବ୍ୟବହାର କର’

### ଜିଲାସ୍ତରୀୟ ଜୁନିଅର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଉମରକୋଟ, ୨।୩(ସ୍ୱ.ପ୍ର.)



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଜିଲାସ୍ତରୀୟ ପଞ୍ଚମ ଜୁନିଅର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ନୋଡାଲ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୩ଦିନ ଧରି ଏହି ଶିବିର ଚାଲିଥିଲା। ଉଦ୍‌ଯାପନି ଦିବସରେ ଡିଇଓ ପ୍ରଦୀପ କୁମାର ନାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉମରକୋଟ ବ୍ଲକ ଅଧକ୍ଷା ମୁଖ୍ୟ ଅତିଥି, ଉମରକୋଟ ପୌରାଧକ୍ଷା ରାଧା ଭତ୍ରା, ବିଡିଓ ଡକ୍ଟର ହିମାଚଳ ମାଝି ସ୍ୱତନ୍ତ୍ର ଅତିଥି, ଏଡିଇଓ ଡକ୍ଟର ରେଶମ ଲାଲ ନାୟକ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ଉମରକୋଟ ବିଧାୟକ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, ଆଇପିଇ, ବିଇଓ ବିକାଶ ଚନ୍ଦ୍ର ସରକାର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ରିଚପଲ୍ ସାଗର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିବିରରେ ମିଳିଥିବା ତାଲିମକୁ ବାସ୍ତବ ଜୀବନରେ ବ୍ୟବହାର କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଡକ୍ଟର ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା ଓ ନରେଶ ଚନ୍ଦ୍ର ପଟ୍ଟନାୟକ ପୁରସ୍କାର ବିତରଣ ଉତ୍ସବ ପରିଚାଳନ କରିଥିଲେ। ଜୁନିଅର ରେଡକ୍ରସ୍ ତାଲିମ ଗ୍ରହଣ କରିଥିବା ଦୁଇ ଜଣ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଶିକ୍ଷୟିତ୍ରୀ ସୁନୀତା ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରମାନେ ଉଦ୍‌ଯାପନୀ ସଙ୍ଗୀତ ଗାନ ପରେ ଶିବିର ଶେଷ ହୋଇଥିଲା। ଏହି ଶିବିର ପରିଚାଳନରେ ପ୍ରଧାନ ଶିକ୍ଷକ ଅସୀମ ବିଶ୍ୱାସ, ଅଭୟ ଚରଣ ନାୟକ, ବଂଶୀଧର ଭୂୟାଁ, ପ୍ରଫୁଲ୍ଲ ରାଉତ, ବିକାଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ନବରଙ୍ଗପୁର ଜିଲାକୁ ଯକ୍ଷ୍ମା ମୁକ୍ତ କରିବା ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ କରାଯାଇଛି।

